# ପୂର୍ବାଂଚଳୀୟ ଲେଖକ ସମ୍ମିଳନୀ ଉଦ୍‌ଯାପିତ

## ପୂର୍ବାଂଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ



ଭୁବନେଶ୍ୱର, ୨୩/୦୭ (ପି.ଆଇ.ବି) : ଓଡିଆ, ବଙ୍ଗଳା, ଅହମିଆ, ସାନ୍ତାଳୀ, ବୋଡୋ, ମଣିପୁରୀ, ନେପାଳୀ, ମୈଥିଳି ଆଦି ପୂର୍ବାଂଚଳୀୟ ଭାଷାରେ ସୃଷ୍ଟି ହୋଇଛି ଅଗଣିତ କାଳଜୟୀ ସାରସ୍ୱତ କୃତି । ଗଦ୍ୟ, ପଦ୍ୟ, ନାଟକ ତଥା ସମାଲୋଚନା କ୍ଷେତ୍ରରେ ଏସବୁ ଭାଷାର ସାମୂହିକ ଅବଦାନ ଭାରତୀୟ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । ପୂର୍ବାଂଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ । ଏଭଳି ମତ ପ୍ରକାଶ କରିଛନ୍ତି କେନ୍ଦ୍ର ସାହିତ୍ୟ ଅକାଦେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଉଦ୍ୟମରେ ଆୟୋଜିତ ଦ୍ୱିଦିବସୀୟ ପୂର୍ବାଂଚଳୀୟ ଲେଖକ ସମ୍ମିଳନୀର ବକ୍ତାମାନେ । ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି ଲେଖକ ସମ୍ମିଳନୀର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ତଥା ସୁପରିଚିତ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ । ଏହି ଅଧିବେଶନରେ ପୂର୍ବାଂଚଳୀୟ ଭାଷାର ସାହିତ୍ୟରେ ସାଂପ୍ରତିକ ଧାରା ଶୀର୍ଷକରେ ଆଲୋଚନା କରିଥିଲେ ଗୁଆହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟକାମ ବରଥାକୁର (ଅହମିଆ), ଆଇଏଲଏସଆର କୋଲକାତାର ନିର୍ଦ୍ଦେଶକ ଡକ୍ଟର ସ୍ୱାତୀ ଗୁହା (ବଙ୍ଗଳା) ଏବଂ ବିଶିଷ୍ଟ ଗବେଷକ ଡକ୍ଟର ଅସିତ ମହାନ୍ତି (ଓଡ଼ିଆ) । ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ ଓଡିଆ ସମେତ ଅନ୍ୟାନ୍ୟ ଭାଷାର ସାଂପ୍ରତିକ ନାଟକର ଧାରା ସମ୍ପର୍କରେ ଆଲୋଚନା କରିଥିଲେ । ପରବର୍ତ୍ତୀ ଅଧିବେଶନରେ ସାହିତ୍ୟ ଅକାଦେମୀର ସାନ୍ତାଳୀ ପରାମର୍ଶ ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀଙ୍କ ସଭାପତିତ୍ୱରେ କ୍ଷୁଦ୍ରଗଳ୍ପ ପାଠ କରିଥିଲେ ସୋରଖାଇବାମ ଦେବେନ୍ଦ୍ର ମୈତେଇ (ମଣିପୁରୀ), ଚିରଶ୍ରୀ ଇନ୍ଦ୍ରସିଂ (ଓଡ଼ିଆ) ଏବଂ କାଳିଚରଣ ହେମ୍ବ୍ରମ (ସାନ୍ତାଳୀ) । ଶ୍ରୀ ମାଝୀ କ୍ଷୁଦ୍ରଗଳ୍ପର ସୃଷ୍ଟି ଏବଂ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ତିମ ଅଧିବେଶନରେ ବିଶିଷ୍ଟ କବି ଡକ୍ଟର ଆଶୁତୋଷ ପରିଡ଼ାଙ୍କ ସଭାପତିତ୍ୱରେ କବିତା ପାଠ କରିଥିଲେ ଥାନେଶ୍ୱର ଗୋୟାରି (ବୋଡ଼ୋ), କ୍ଷେତ୍ରିମାୟୁମ ରାଜେନ ସିଂହ (ମଣିପୁରୀ), ମିଲନ ଥୁଲୁଙ୍ଗ ରାଇ (ନେପାଳୀ), ପବିତ୍ର ମୋହନ ଦାଶ (ଓଡ଼ିଆ) ଏବଂ ରକ୍ଷକ ନାୟକ (ଓଡ଼ିଆ) । ଡକ୍ଟର ପରିଡା କବିତାର ସାମାଜିକ ଆବେଦନ ସମ୍ପର୍କରେ କହିଥିଲେ । ପଠିତ କବିତାଗୁଡିକରେ ଗାନ୍ଧୀ ଏବଂ ବୁଦ୍ଧଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ ଘଟଣାବଳୀ ପ୍ରତୀକାତ୍ମକ ଭାବେ ପ୍ରତିଫଳିତ ହୋଇଥିଲା । ନିମନ୍ତ୍ରିତ ଲେଖକମାନଙ୍କୁ ସାହିତ୍ୟ ଅକାଦେମିର ପୂର୍ବାଂଚଳୀୟ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ ଏବଂ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ସାହିତ୍ୟ ଅକାଦେମି କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ । ଏହି କାର୍ଯ୍ୟକ୍ରମରେ ବହୁ ଲେଖକ ଲେଖିକା, ଗବେଷକ, ସାହିତ୍ୟପ୍ରେମୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।